# NATIONAL NEWS BULLETIN (ODIA)

**17 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗର ମାଲ୍‌ଦା ଠାରେ ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

- ଜାତୀୟ ସଂଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ପ୍ରଦର୍ଶନ କରାଯିବ ସ୍ୱତନ୍ତ୍ର ସାମରିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ।

- ଇରାନ୍‌ରେ ପରିସ୍ଥିତି ସୁଧୁରୁଥିବା ନେଇ ସୂଚନା ।

–ପ୍ରଥମ ପର୍ଯ୍ୟାୟରେ ଇରାନରୁ ଆସି  ନୂଆଦିଲ୍ଲୀରେ ପହଞ୍ଚିଲେ ଭାରତୀୟ ନାଗରିକ

ଏବଂ

- ଆଇସିସି ପୁରୁଷ ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍‌ରେ ଗ୍ରୁପ୍-ଏ ର ଦ୍ୱିତୀୟ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ଭାରତର ବ୍ୟାଟିଂ ଜାରି

---

## ପିଏମ୍ ଡବ୍ଲୁବି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି  ଦେଶର ପ୍ରଥମ ବନ୍ଦେଭାରତ ସ୍ଲିପର୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି ।ପଶ୍ଚିମବଙ୍ଗ ଗସ୍ତରେ ଯାଇ ମାଲଦାଠାରେ ପହଞ୍ଚିବା ପରେ ଶ୍ରୀ ମୋଦୀ ରାଜ୍ୟରେ ରେଳ

ସଂଯୋଗୀକରଣ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ସମେତ ୭ଟି ଅମୃତ ଭାରତ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି ।  ମାଲଦାଠାରେ ଏକ ସାଧାରଣ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ୩ ହଜାର ୨୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ଏବଂ ସଡ଼କ ଭିତ୍ତିଭୂମି ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହି ଉତ୍ସବରେ ପଶ୍ଚିମବଙ୍ଗର ରାଜ୍ୟପାଳ ଡକ୍ଟର ସି.ଭି. ଆନନ୍ଦବୋଷ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଉପସ୍ଥିତ ଥିଲେ ।

ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଆସାମ ଗସ୍ତ କରି ଗୁଆହାଟୀଠାରେ ବୋଡୋ ସଂପ୍ରଦାୟର ଐତିହ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ । ଏଥିରେ ବୋଡୋ ସଂପ୍ରଦାୟର ୧୦ହଜାରରୁ ଅଧିକ କଳାକାର ବଗୁରୁମ୍ବା ନୃତ୍ୟ ପରିବେଷଣ କରିବେ । ଆସନ୍ତାକାଲି କାଜିରଙ୍ଗା ସ୍ୱତନ୍ତ୍ର କରିଡର ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ବନ୍ୟପ୍ରାଣୀ କରିଡର ବଣ୍ୟପ୍ରାଣୀଙ୍କର ପ୍ରତିବନ୍ଧକ ବିହୀନ ଯାତାୟାତକୁ ନିଶ୍ଚିତ କରିବ ବୋଲି ଲକ୍ଷ୍ୟ ରଖାଯାଇଛି ।

# ଥିମ୍ ବନ୍ଦେ ମାତରମ୍ – ରିପବ୍ଲିକ୍ ଡେ

ଚଳିତ ବର୍ଷ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଦେଶର ଜାତୀୟ ସଂଗୀତ ବନ୍ଦେ ମାତରମ୍ ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର ସାମରିକ ଓ ସାଂସ୍କୃତିକ ପ୍ରଦର୍ଶନ କରାଯିବ । ଗତକାଲି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ପ୍ରତିରକ୍ଷା ସଚିବ ରାଜେଶ କୁମାର କହିଛନ୍ତି, ଏହି ପ୍ରଦର୍ଶନୀ

ଆତ୍ମନିର୍ଭର ଭାରତ ସମେତ ଜାତୀୟ ସଂଗୀତ ପ୍ରତି ସ୍ୱତନ୍ତ୍ର ଉପସ୍ଥାପନା ହେବ ।

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍‌ର ବିଷୟବସ୍ତୁ ରହିଛି, 'ବନ୍ଦେ ମାତରମ୍‌ର ୧୫୦ ବର୍ଷ' । ଏଥିରେ ୧୯୨୩ ମସିହାରେ ତେଜେନ୍ଦ୍ର କୁମାର ମିତ୍ରଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ କର୍ତ୍ତବ୍ୟପଥ ପରେଡ୍‌ରେ ସ୍ଥାନ ପାଇବ । ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଭାରତୀୟ ସେନା, ନୌସେନା, ବାୟୁସେନା, ତଟ ସୁରକ୍ଷା ବାହିନୀ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସୁରକ୍ଷାବଳ ଦ୍ୱାରା ବନ୍ଦେ ମାତରମ୍‌ର ବିଭିନ୍ନ ଶୈଳୀରେ ବ୍ୟାଣ୍ଡ୍ ବାଦନ କରାଯିବ । ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଜନ୍ମ ସ୍ଥାନ ସମେତ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଏହି ବ୍ୟାଣ୍ଡବାଦନ କରାଯିବ ।

ଅନ୍ୟ ପକ୍ଷରେ ସ୍ୱତନ୍ତ୍ର କା ମନ୍ତ୍ର – ବନ୍ଦେ ମାତରମ୍ ଏବଂ ସମୃଦ୍ଧି କା ମନ୍ତ୍ର – ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଜରିଆରେ ବନ୍ଦେ ମାତରମ୍ ପ୍ରଜ୍ଞାପନ ମେଢ଼ ପରେଡ୍‌ରେ ଅଂଶଗ୍ରହଣ କରିବେ । ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ବନ୍ଦେ ମାତରମ୍ ଏବଂ ଆତ୍ମନିର୍ଭର ଭାରତ ଅଧୀନରେ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ୨୦୦ ଜଣ ପ୍ରତିଯୋଗୀଙ୍କୁ ପରେଡ୍ ଦେଖିବାର ସୁଯୋଗ ମିଳିବ । କର୍ତ୍ତବ୍ୟପଥରେ ପ୍ରାୟ ଅଢ଼େଇ ହଜାର ସାଂସ୍କୃତିକ କଳାକାର ସେମାନଙ୍କ କଳା ପ୍ରଦର୍ଶନ କରିବେ ।

---

## ଇରାନ-ପ୍ରୋଟେଷ୍ଟ୍

ଇରାନରେ ପରିସ୍ଥିତିରେ ସୁଧାରର ସଂକେତ ମିଳିଛି । ଦେଶବ୍ୟାପୀ ଚାଲିଥିବା ଧର୍ମଘଟକୁ ବନ୍ଦ କରିବା ଲାଗି ସରକାରଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନରେ ଏପର୍ଯ୍ୟନ୍ତ ୩ ହଜାର ୯୦ ଜଣ ନାଗରିକଙ୍କର ମୃତ୍ୟୁ

ହୋଇଥିବା ସୂଚନା ମିଳିଛି । ତେହେରାନର ବିଭିନ୍ନ ଅଞ୍ଚଳରେ ଦୋକାନ ବଜାରଗୁଡ଼ିକ ପୁଣି ଖୋଲିବା ସହ ପରିସ୍ଥିତି ଶାନ୍ତ ରହିଛି। ସେଠାରେ ଏକସପ୍ତାହ ବ୍ୟାପୀ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି । ଅନ୍ୟପକ୍ଷରେ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଥିବା ପ୍ରତିବାଦକାରୀଙ୍କୁ ମୃତ୍ୟୁଦଣ୍ଡ ଦେବା ଲାଗି ସେଠାକାର ଧର୍ମଗୁରୁ ଆୟତୁଲ୍ଲା ଖେମିନ୍ ପ୍ରଥମେ ନିର୍ଦ୍ଦେଶ ଦେବା ପରେ ତାହା ପ୍ରତ୍ୟାହାର କରିଛନ୍ତି । ଏହି ନିଷ୍ପତ୍ତିକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱାଗତ କରିଛନ୍ତି । ତେବେ ଇରାନର ନିର୍ବାସିତ ଯୁବରାଜ ରେଜା ପହଲବୀ ଇରାନ ନାଗରିକମାନଙ୍କୁ ପ୍ରତିବାଦ ଜାରି ରଖିବାକୁ ଅନୁରୋଧ କରିଛନ୍ତି ।

ଗତବର୍ଷ ଡିସେମ୍ବର ୨୮ରେ ଇରାନରେ ମୁଦ୍ରାସ୍ଫୀତି ଏବଂ ଆନ୍ତର୍ଜାତିକ ସ୍ତରରେ ଇରାନର ସ୍ଥିତିକୁ ନେଇ ସାଧାରଣ ନାଗରିକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପ୍ରଦର୍ଶନରେ ୩୫୦ଟି ମସ୍‌ଜିଦ୍, ୧୨୬ଟି ପ୍ରାର୍ଥନାଗୃହ, ୪୦୦ଟି ଡାକ୍ତରଖାନା, ୧୦୬ଟି ଆମ୍ବୁଲାନ୍ସ ଏବଂ ୭୧ଟି ଅଗ୍ନିଶମ ଯାନବାହାନ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ମିଳିଛି ।

## ଇଣ୍ଡିଆନ୍ସ ଆରାଇଭାଲ୍ ଇରାନ

ଇରାନରେ ସୃଷ୍ଟି ହୋଇଥିବା ଜଟିଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ଗତରାତିରେ ଅନେକ ଭାରତୀୟ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ସରକାରଙ୍କ ପକ୍ଷରୁ ସେଠାରେ ବସବାସ କରୁଥିବା ଭାରତୀୟ ନାଗରିକମାନଙ୍କୁ ଦେଶ ଛାଡ଼ିବା ଲାଗି ପରାମର୍ଶ ଦିଆଯିବା ପରେ ଏହି ପଦକ୍ଷେପ ନିଆଯାଇଛି । ସରକାରଙ୍କ ସହାୟତା ପାଇଁ ଇରାନରୁ ଫେରିଥିବା ଭାରତୀୟ ନାଗରିକମାନେ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି । ବୈଦେଶିକ ବ୍ୟାପାର

ମନ୍ତ୍ରଣାଳୟ ପକ୍ଷରୁ ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ଭାରତୀୟ ନାଗରିକମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବା ଲାଗି ପଦକ୍ଷେପ ନିଆଯାଉଛି ।

---

# ବିଜେପି-ଓ୍ୱେଷ୍ଟବେଙ୍ଗଲ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତୁଷ୍ଟୀକରଣ ରାଜନୀତି କରୁଥିବା ବିଜେପି ଅଭିଯୋଗ କରିଛି । ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବିଜେପି ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ହିଂସା ଏବଂ ରାଜ୍ୟକୁ ଅଲଗା କରିବା ଲାଗି ପଦକ୍ଷେପକୁ ସଠିକ୍ ପ୍ରମାଣିତ କରିବାକୁ ଚେଷ୍ଟା କରୁଛନ୍ତି । ସେ କହିଛନ୍ତି, ତୃଣମୂଳ କଂଗ୍ରେସର ବରିଷ୍ଠ ନେତା ଅସାମ୍ବିଧାନିକ ଏବଂ ହିଂସାତ୍ମକ ଢଙ୍ଗରେ ସେଠାରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି । ବୁଥ୍ ସ୍ତରୀୟ ଅଧିକାରୀଙ୍କ ଉପରେ ଅତ୍ୟଧିକ ଚାପ ପ୍ରୟୋଗ କରାଯାଉଥିବାରୁ ସେମାନେ ଆତ୍ମହତ୍ୟା କରିବା ଭଳି ପଦକ୍ଷେପ ନେଉଛନ୍ତି ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଉପରେ ଆକ୍ରମଣ କରାଯାଉଥିବା ଶ୍ରୀ ପାତ୍ର କହିଛନ୍ତି ।

**V/O (Sambit Patra- SIR-1)**

ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଶାସନରେ ରାଜ୍ୟର ପରିସ୍ଥିତି ଖରାପ ଆଡ଼କୁ ଗତି କରୁଥିବା ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି । ନକଲୀ ଆଇଡି ର୍ୟାକେଟ୍ ଏବଂ ଅନୁପ୍ରବେଶକୁ ତୃଣମୂଳ କଂଗ୍ରେସ ପ୍ରୋତ୍ସାହନ ଦେଉଥିବା ସେ ଅଭିଯୋଗ କରିଛନ୍ତି ।

---

# ଭିପି-ଏମ୍‌ଜି ରାମଚନ୍ଦ୍ରନ୍

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଅଭିନେତା ଏମଜି ରାମଚନ୍ଦ୍ରନଙ୍କ ଜନ୍ମବାର୍ଷିକୀରେ ଆଜି ଉପରାଷ୍ଟ୍ରପତି ସି ପି ରାଧାକୃଷ୍ଣନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି କହିଛନ୍ତି ଯେ ଏମଜି ରାମଚନ୍ଦ୍ରନ ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ଥିଲେ ଏବଂ ଗରିବ ଓ ଅବହେଳିତଙ୍କ କଲ୍ୟାଣ ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ। ଶ୍ରୀ ରାଧାକୃଷ୍ଣନ କହିଛନ୍ତି, ଏମଜି ରାମଚନ୍ଦ୍ରନ ତାମିଲନାଡୁର ସାମାଜିକ ଏବଂ ରାଜନୈତିକ ଦୃଶ୍ୟପଟ୍ଟରେ ବ୍ୟାପକ ପରିବର୍ତ୍ତନ ଆଣିପାରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ତାମିଲନାଡୁର ପ୍ରଗତିରେ ଏମଜି ରାମଚନ୍ଦ୍ରନଙ୍କର ଅତୁଳନୀୟ ଅବଦାନ ରହିଛି। ସେ କହିଛନ୍ତି, ଏମଜି ରାମଚନ୍ଦ୍ରନ ତାମିଲର ସଂସ୍କୃତିକୁ ଲୋକପ୍ରିୟ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ।

---

# ପ୍ରେସ୍‌-ହାଉସ୍

ଗଣତନ୍ତ୍ର ଦିବସର ପରେଡ୍ ଏବଂ ପତାକା ଅବତରଣ ସମାରୋହକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରାଯାଇଛି । ଏହି ବିଜ୍ଞପ୍ତି ଅନୁସାରେ, ରାଷ୍ଟ୍ରପତି ଭବନର ସର୍କିଟ୍-୧ ପ୍ରାଙ୍ଗଣ ବନ୍ଦ ରହିବ । ୨୧ ତାରିଖରୁ ୨୯ ତାରିଖ ଯାଏଁ ଏହି ପ୍ରାଙ୍ଗଣକୁ ଜନସାଧାରଣଙ୍କ ପରିଦର୍ଶନକୁ ବାରଣ କରାଯିବ ବୋଲି କୁହାଯାଇଛି ।

---

# ଇସି-ରେଗୁଲେସନ

ପଶ୍ଚିମବଙ୍ଗରେ ୭ନମ୍ବର ଫର୍ମ ନେଇ ତୃଣମୂଳ କଂଗ୍ରେସ ଏବଂ ବିଜେପି ମଧ୍ୟରେ ଆରୋପ ପ୍ରତ୍ୟାରୋପ ଦୃଷ୍ଟିରୁ ନିର୍ବାଚନ ଆୟୋଗ ସ୍ୱଷ୍ଟୀକରଣ ଦେଇଛନ୍ତି । କମିଶନଙ୍କ ସ୍ୱଷ୍ଟୀକରଣ ଅନୁଯାୟୀ, ଯେକୌଣସି ପଞ୍ଜୀକୃତ ଭୋଟର ଏକ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀରେ ଅନେକ ସଂଖ୍ୟାରେ ଫର୍ମ ଦାଖଲ କରିପାରିବେ । ଜଣେ ଭୋଟର କେତେସଂଖ୍ୟକ ଫର୍ମ ଦାଖଲ କରିବ, ସେ ନେଇ କୌଣସି ସୀମା ଧାର୍ଯ୍ୟ କରାଯାଇ ନଥିବା କମିଶନ କହିଛନ୍ତି । ତେବେ ଏହି ପ୍ରକ୍ରିୟାରେ ଜଣେ ବ୍ୟକ୍ତି ୫ଟିରୁ ଅଧିକ ଅଭିଯୋଗ କରିବା କ୍ଷେତ୍ରରେ ଭୋଟର ପଞ୍ଜୀକରଣ ଅଧିକାରୀ ସେଗୁଡ଼ିକର ସମୀକ୍ଷା କରି ଅଭିଯୋଗଗୁଡ଼ିକର ବୈଧତା ଯାଞ୍ଚ କରିବେ ।

# ଛତିଶଗଡ଼-ମାଓଇଷ୍ଟ କିଲ୍ଡ

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ଦୁଇଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାର ଉତ୍ତର-ପଶ୍ଚିମ ଅଞ୍ଚଳର ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ଗୁଇନ୍ଦା ସୂଚନା ପାଇବା ପରେ ସୁରକ୍ଷା ବାହିନୀର ଏକ ମିଳିତ ଦଳକୁ ତଲାସୀ ପାଇଁ ପଠାଯାଇଥିଲା। ଆଜି ସକାଳେ ତଲାସୀ ଅଭିଯାନ ସମୟରେ ଗୁଳି ବିନିମୟ ଘଟିଥିଲା। ସକାଳ ଠାରୁ ଉଭୟ ପଟୁ ଗୁଳିଚାଳନା ଜାରି ରହିଛି। ଏପର୍ଯ୍ୟନ୍ତ ଘଟଣାସ୍ଥଳରୁ ଦୁଇ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି।

# ଗୁଜରାଟ-ସୁଜୁକି ପ୍ଲାଣ୍ଟ

ଗୁଜରାଟର ଖୋରସ୍ ଠାରେ ମାରୁତି ସୁଜୁକି ଏକ ନୂଆ କାର୍ ନିର୍ମାଣ ଫ୍ୟାକ୍ଟ୍ରି ପ୍ରତିଷ୍ଠା କରିବ । ଏଥିପାଇଁ ୩୫ ହଜାର କୋଟି ଟଙ୍କା ନିବେଶ କରିବ ବୋଲି କମ୍ପାନୀ ପ୍ରତିଶ୍ରୁତି ଦେଇଛି । ଏନେଇ ଗୁଜରାଟ ସରକାରଙ୍କ ସହ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ର  ବୁଝାମଣା ହୋଇଛି । ୭୫୦ ଏକର ଜମି ଉପରେ ଏହି କାରଖାନା ପ୍ରତିଷ୍ଠା ହେବ । ବର୍ଷକୁ ପ୍ରାୟ ୧୦ଲକ୍ଷ କାର୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଥିବା ଏହି କମ୍ପାନୀ ୨୦୨୯ ଆର୍ଥିକବର୍ଷରେ କାର୍ଯ୍ୟ ଆରମ୍ଭ କରିବ । ଏ ନେଇ ଆୟୋଜିତ  ଏକ କାର୍ଯ୍ୟକ୍ରମରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍ ଏବଂ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଗଭୀ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟେଲ୍ କହିଛନ୍ତି, ଏହି ପ୍ରକଳ୍ପ ପ୍ରତ୍ୟକ୍ଷ ଭାବରେ ୧୨ ହଜାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବା ସହିତ ପ୍ରାୟ ୭ଲକ୍ଷ ୫୦ ହଜାର ଲୋକଙ୍କୁ ପରୋକ୍ଷ ନିଯୁକ୍ତି ପ୍ରଦାନ କରିବ । ଏହା ସହ କାର୍ ଶିଳ୍ପ ସହିତ ଜଡ଼ିତ ଅନେକ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟିକରିବାରେ ମଧ୍ୟ ସହାୟକ ହେବ ।

# କ୍ରିକେଟ୍-ଅଣ୍ଡର ୧୯

ଆଇସିସି ପୁରୁଷ ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ରେ ଗ୍ରୁପ୍-ଏ ର ଆଜି ଦ୍ୱିତୀୟ ମ୍ୟାଚ୍ ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯାଉଛି । ଜିମ୍ବାୱେର ବୁଲାଓ ସ୍ଥିତ କୁଇନ୍ସ ସ୍ପୋର୍ଟସ୍ କ୍ଲବରେ ମ୍ୟାଚ୍ ଆରମ୍ଭ ହୋଇଛି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ଭାରତ ପ୍ରଥମେ ବ୍ୟାଟିଂ କରି ୮ ଓଭର୍ରେ ୨ ୱିକେଟ୍ ହରାଇ ୪୨ ରନ୍ କରିଛି । ସିରିଜ୍ର ପ୍ରଥମ ମ୍ୟାଚ୍ରେ ଭାରତ ଗତକାଲି ଆମେରିକାକୁ ପରାସ୍ତ କରିଥିଲା ।